ECHO OF HIS CALL

ଆହ୍ୱାନର ପ୍ରତିଧ୍ୱନି

16 Languages

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Hon. Editor-in-Chief: REV. DR. ANGELINE SELVAKUMARI HENRY

Associate Editor : Sis. SURAMA SAMUEL

Vol. XXVIII YEAR OF OUR LORD JESUS CHRIST, 2026 NOVEMBER No.09

ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୪୬:୧-୭)

୧ ପରମେଶ୍ୱର ଆମ୍ଭମାନଙ୍କର ଆଶ୍ରୟ ଓ ବଳ, ଦୁର୍ଦ୍ଦଶାକାଳରେ ଅତି ନିକଟବର୍ତ୍ତୀ ସହାୟ ।

୨ ଏଥିପାଇଁ ପୃଥିବୀ ପରିବର୍ତ୍ତିତ ହେଲେ ହେଁ ଓ ପର୍ବତଗଣ ସମୁଦ୍ର ମଧ୍ୟରେ ବିଚଳିତ ହେଲେ ହେଁ;

୩ ତହିଁର ଜଳରାଶି ଗର୍ଜ୍ଜନ କରି ପ୍ରବଳ ହେଲେ ହେଁ, ତହିଁର ପ୍ଲାବନରେ ପର୍ବତଗଣ କମ୍ପିତ ହେଲେ ହେଁ ଆମ୍ଭେମାନେ ଭୟ କରିବା ନାହିଁ ।

୪ ନଦୀ ଗୋଟିଏ ଅଛି, ତହିଁର ସ୍ରୋତସମୂହ ପରମେଶ୍ୱରଙ୍କ ନଗରକୁ, ସର୍ବୋପରିସ୍ଥଙ୍କ ଆବାସର ପବିତ୍ରସ୍ଥାନକୁ ଆନନ୍ଦିତ କରେ ।

୫ ପରମେଶ୍ୱର ତହିଁର ମଧ୍ୟବର୍ତ୍ତୀ; ତାହା ବିଚଳିତ ହେବ ନାହିଁ । ପରମେଶ୍ୱର ଅତି ପ୍ରଭାତରେ ତାହାର ସାହାଯ୍ୟ କରିବେ ।

୬ ଗୋଷ୍ଠୀସବୁ ଗର୍ଜ୍ଜନ କଲେ, ରାଜ୍ୟସବୁ ବିଚଳିତ ହେଲେ; ସେ ଆପଣା ରବ ଉଚ୍ଚାରଣ କଲେ, ପୃଥିବୀ ତରଳି ଗଲା ।

୭ ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭମାନଙ୍କର ସହବର୍ତ୍ତୀ, ଯାକୁବର ପରମେଶ୍ୱର ଆମ୍ଭମାନଙ୍କର ଆଶ୍ରୟ ଅଟନ୍ତି ।



ଆପଣମାନଙ୍କର ଏକ ଆଶ୍ରୟସ୍ଥଳ ଅଛି ! ପଛକୁ ଚାହାଁନ୍ତୁ ନାହିଁ ।

YOU HAVE A REFUGE! DON'T LOOK BACK!

ଉଷାଣୀ ଆଞ୍ଜେଲିନ୍



ଆମର ପିତା ଈଶ୍ୱର ଓ ସେହି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଆପଣମାନଙ୍କ ପ୍ରତି ଶାନ୍ତି ଓ ଅନୁଗ୍ରହ ବର୍ତ୍ତୁ, ଯିଏ ଆମ ପାପ ନିମନ୍ତେ ନିଜକୁ ଉତ୍ସର୍ଗ କରିଥିଲେ ଓ ଆମକୁ ଶତ୍ରୁର ଚାତୁରୀରୁ ଉଦ୍ଧାର କରିଥିଲେ । ସେ ଆମର ଆଶ୍ରୟ ଓ ଆମର ଦୁର୍ଗ ଓ ସଙ୍କଟ କାଳରେ ଆମର ନିକଟବର୍ତ୍ତୀ ସହାୟ ଅଟନ୍ତି ।

ଆମ ''ଆହ୍ୱାନର ପ୍ରତିଧ୍ୱନି''ର ସଂପ୍ରସାରିତ ପରିବାରର ଜଣେ ସଦସ୍ୟ ହୋଇଥିବାରୁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ । ପ୍ରତ୍ୟେକ ମାସ ଏହି ପତ୍ରିକା ମାଧ୍ୟମରେ ଆପଣଙ୍କ ସହିତ ସଂଯୁକ୍ତ ହେବାର ସୁଯୋଗ ପାଇଥିବାରୁ, ଆମେ ଗଭୀରଭାବେ କୃତଜ୍ଞ ଅଟୁ ।

ଯଦି ଏହି ପତ୍ରିକା ଆପଣଙ୍କ ପାଇଁ ଏକ ଆଶୀର୍ବାଦ ସ୍ୱରୂପ ହୋଇଛି, ତେବେ ଆମେ ଆପଣଙ୍କଠାରୁ ଏହା ବିଷୟରେ ଶୁଣିବା ପସନ୍ଦ କରିବୁ । ଦୟାକରି ଆମକୁ ଆପଣଙ୍କର ପ୍ରାର୍ଥନା, ଚିନ୍ତା ଓ ପରାମର୍ଶ ଜଣାନ୍ତୁ । ଆପଣଙ୍କର ଉତ୍ସାହଦାନ ଆମ ପାଇଁ ଅତ୍ୟଧିକ ଅର୍ଥପୂର୍ଣ୍ଣ ଅଟେ ।

ଈଶ୍ୱର ଆମର ଆଶ୍ରୟ !

ଈଶ୍ୱରଙ୍କଠାରେ ସୁରକ୍ଷା, ଶକ୍ତି ଓ ଆଶା ପ୍ରାପ୍ତ ହେବା ।

(ଅବଶିଷ୍ଟାଂଶ ୩୧ ପୃଷ୍ଠାରେ)

ଆହ୍ୱାନର ପ୍ରତିଧ୍ୱନି

ଖ୍ରୀଷ୍ଟିଆନ ୟୁ-ଟ୍ୟୁବ୍ ଚ୍ୟାନେଲ !



ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ

ପ୍ରତିଦିନ ୨ ମିନିଟ୍‌ର ବାର୍ତ୍ତା

ଇଂରାଜୀ, ହିନ୍ଦୀ ଭାଷା – ସକାଳ ୧.୦୦ ଘଟିକା,

ତାମିଲ ଏବଂ ତେଲୁଗୁ ଭାଷା – ସକାଳ ୨.୦୦ ଘଟିକା

ଓ

ତାମିଲ, ଇଂରାଜୀ ବାର୍ତ୍ତା ଓ ପ୍ରାର୍ଥନା

ରବିବାର ଉପାସନା – ସକାଳ ୮.୩୦ ଏବଂ ସନ୍ଧ୍ୟା ୬.୦୦ ଘଣ୍ଟ

ଯଦି ଆପଣ ଆଶୀର୍ବାଦ ପାଇଛନ୍ତି, ତେବେ ଦୟାକରି ଏହାର ସଙ୍ଖ୍ୟା ବୃଦ୍ଧି କରନ୍ତୁ ।
ଆପଣ ଯେଉଁମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ଏ ବିଷୟରେ ଜଣାନ୍ତୁ ।

ECHO OF HIS CALL - (Marching towards 60th year)
Estd. 1969

ଆପଣମାନଙ୍କର ପ୍ରିୟ ଭାଇଭଉଣୀ ...





Founders

ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସ୍ତାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr. Angeline Selvakumari Henry, M.A., M.Sc., M.Ed.
CONTRIBUTING EDITOR
Sis. Andrea Christmas Henry
EX MANAGING EDITOR
Pastor Alex Samson Sam, B.Th., M.Div.
EX ADMINISTRATOR
Sis. Jesy Veena Sam
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Sis. Sajini Cherian
Rev. Dr. J. John Rajarathnam, B.E.S., B.D., M.Th.
Rev. Dr. K.R. Rajasekaran
Adv. N. Balaji, B.Com., M.L.
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+91- 44) 2852 8282, 2852 9293
Cell : (+91) 98410 71852, 98412 71858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

"ତୁମ୍ଭେମାନେ ଲଜ୍ଜାର ପରିବର୍ତ୍ତେ ଦୁଇଗୁଣ ସମ୍ମାନ ପାଇବ, ପୁଣି, ଅପମାନର ପରିବର୍ତ୍ତେ ସେମାନେ ଆପଣା ଆପଣା ଅଧିକାରରେ ଆନନ୍ଦ କରିବେ, ଏ ନିମନ୍ତେ ସେମାନେ ଆପଣାମାନଙ୍କ ଦେଶରେ ଦୁଇ ଗୁଣ ଅଂଶ ପାଇବେ, ସେମାନଙ୍କର ଅନନ୍ତକାଳସ୍ଥାୟୀ ଆହ୍ଲାଦ ହେବ" (ଯିଶାଇୟ ୬୧:୭) ।

ପ୍ରଭୁରେ ବନ୍ଧୁଗଣ,



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ମଧୁର ନାମରେ ପ୍ରଣିପାତ !

"ଆହ୍ୱାନର ପ୍ରତିଧ୍ୱନି"ର ଏହି ସଂଖ୍ୟା ପାଠ କରୁଥିବାରୁ ଆପଣମାନଙ୍କୁ ଧନ୍ୟବାଦ ।

ମୋର ପ୍ରିୟତମା ପତ୍ନୀ ଶ୍ରୀମତୀ ଜେସୀ ଭିନା ସାମ୍ ଦୀର୍ଘକାଳୀନ ଫୁସଫୁସ୍ ଜନିତ ରୋଗ ଭୋଗିବା ପରେ, ୨୦୨୬ ସେପ୍ଟେମ୍ବର ୨୦ ତାରିଖ ରାତ୍ରି ୧୦.୩୦ରେ, ଗୌରବ ମଧ୍ୟରେ ପ୍ରବେଶ କରିଥିଲେ । ସେ ବିଗତ ୫୨ ବର୍ଷ ଧରି, ମୋ' ସହିତ ବିଶ୍ୱସ୍ତ ଭାବରେ ପ୍ରଭୁଙ୍କର ସେବା କରି ଆସୁଥିଲେ । ସେ ସଫଳତାର ସହିତ ନିଜର ଦୌଡ଼ ସମ୍ପୂର୍ଣ୍ଣ କରିଛନ୍ତି । ଆମେ ତାଙ୍କୁ ଅତିଶୀଘ୍ର ମଧ୍ୟାକାଶରେ ସାକ୍ଷାତ୍ କରିବୁ । ମୋ' ସହିତ ତାଙ୍କର ଏକ ଅର୍ଥପୂର୍ଣ୍ଣ ଜୀବନ ନିମନ୍ତେ ଈଶ୍ୱରଙ୍କର ପ୍ରଶଂସା କରୁଛି । ମୋ' ଅନୁଭବକୁ ପ୍ରକାଶ କରିବା ପାଇଁ ମୋ' ନିକଟରେ କୌଣସି ଭାଷା ନାହିଁ ।

ମୋର ଜୀବ୍ୟୁଣୀ, ଆଡ୍ରିୟା ଖ୍ରୀଷ୍ଟମାସ ହେନରୀ ଓ ମୋର ଜମ୍ୟା ରେବ୍. ଆଞ୍ଜେଲିନ ସେଲଭାକୁମାରୀ ହେନ୍‌ରୀ "ଆହ୍ୱାନର ପ୍ରତିଧ୍ୱନି"ର ଭବିଷ୍ୟତ୍ ସେବାକାର୍ଯ୍ୟର ପରିଚାଳନା ପାଇଁ ପରିଚାଳନା ସମିତି ଦ୍ୱାରା ନିଯୁକ୍ତି ପାଇଛନ୍ତି । ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକ ଶେଷ ହେବା ପର୍ଯ୍ୟନ୍ତ, ମୁଁ ସେମାନଙ୍କୁ ସାହାଯ୍ୟ କରୁଥିବି ।



ରେଭ.ଡ.ମୁଥୁ (ମଝାପତି), ଭାଇ ମାଇକେଲ୍ (ନାତି), ପାଷ୍ଟର ସାମ୍, ଭଉଣୀ ଆଡ୍ରିୟା ଓ ରେଭ୍. ଆଞ୍ଜେଲିନ୍



ଆମର ପ୍ରଧାନ ଉପାସନାଳୟରେ, ''ଯୀଶୁଙ୍କ ପରିବାର – ଏକ ମଧୁର ସମାବେଶ'' ନାମକ ଏକ ସୁନ୍ଦର ସେବାକାର୍ଯ୍ୟ ସେପ୍ଟେମ୍ବର ୨୬ ତାରିଖ ସକାଳ ୯.୩୦ରୁ ଅପରାହ୍ନ ୨.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୧୦୦ ଜଣ



ଲୋକ ଯୋଗ ଦେଇଥିଲେ । ଆମର ନିହିମିୟା ବାଇବଲ କଲେଜର ଅଧ୍ୟକ୍ଷ, ରେଭ. ଡ. କେ. ଜନ୍ ରାଜରତ୍ନମ୍ ବକ୍ତା ଥିଲେ । ବାପ୍ତିସ୍ମର ସମୟରେ ଏକ ନୂତନ ଅଭିଷେକ ଦ୍ୱାରା ଆଶୀର୍ବାଦ ପାଇଥିଲେ ।

ଆପଣମାନେ 'ଆତ୍ମାଙ୍କର ପ୍ରତିଧ୍ୱନି' ସେବାକାର୍ଯ୍ୟ ପାଇଁ ପ୍ରାର୍ଥନା କରୁଥିବାରୁ ଓ ଏହା ସମ୍ଭବ ହୋଇଥିବାରୁ, ଆପଣମାନଙ୍କୁ ଧନ୍ୟବାଦ ଜଣାଉଅଛୁ । ଦୟାକରି ସେହିପରି କରିଚାଲନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍ୱାରାଜ

E.mail : sam@echoofhiscall.org

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ଈଶ୍ୱରଙ୍କର ନାମ !

ବାଇବଲ ଆମ ନିକଟରେ ଅନେକ ନାମ ଓ ଉପାଧି ମାଧ୍ୟମରେ ଈଶ୍ୱରଙ୍କୁ ପ୍ରକାଶ କରିଅଛି । ପ୍ରତ୍ୟେକଟି ନାମ ତାଙ୍କର ଚରିତ୍ର, ସ୍ୱଭାବ ଓ ତାଙ୍କ ଲୋକମାନଙ୍କ ପ୍ରତି ତାଙ୍କର ସମ୍ପର୍କ ବିଷୟରେ କିଛି ନା କିଛି କହେ ।

ଈଶ୍ୱର ଯେଉଁ ଗୋଟିଏ ବର୍ଣ୍ଣନା ମୋତେ ବିଶେଷ ଭାବରେ ଆକର୍ଷିତ କରିଛି ତାହା ହେଉଛି :

ସେ ଆମର ଆଶ୍ରୟ ଅଟନ୍ତି ।

ଅନ୍ୟ ଭାଷା ଗୁଡ଼ିକରେ ଏହି ଶବ୍ଦକୁ କେତେ ଭିନ୍ନ ଭିନ୍ନ ଭାବରେ ପ୍ରକାଶ କରାଯାଇଛି, ଏ ବିଷୟରେ ମୁଁ ସୁନିଶ୍ଚିତ ନୁହେଁ, ମାତ୍ର ତାମିଲ ବାଇବଲରେ ଆଶ୍ରୟ ସ୍ଥଳୀୟ ଚିତ୍ରାଧାରାକୁ ''ମାରାଇଭିଡମ୍'', 'ପୁଗାଲିଡମ୍' ଓ ''ଆଡ଼ାଇକାଲାମ୍'', ଅର୍ଥାତ୍, ଏକ କୁଟିବା ସ୍ଥାନ, ଏକ ଆଶ୍ରୟ ସ୍ଥାନ, ଏକ ସୁରକ୍ଷାର ସ୍ଥାନ ଓ ଏପରି ଏକ ସ୍ଥାନ ଭାବରେ ସୁନ୍ଦର ଭାବେ ପ୍ରକାଶ କରାଯାଇଛି ଯେଉଁଠାରେ ଆମେ ସଂପୂର୍ଣ୍ଣରୂପେ ଆରାମିତ ଓ ସୁରକ୍ଷିତ ଥାଉ ।

ଏକ ଆଶ୍ରୟ ଏପରି ଏକ ସ୍ଥାନ ଅଟେ ଯେଉଁଠାକୁ ଜଣେ ବ୍ୟକ୍ତି ବିପଦ ସମୟରେ ପଳାୟନ କରିପାରେ ଏହା ଆପଣ ବିପଦକୁ ଏକ ନିରାପଦ, ଆଶ୍ରୟ ଓ ସୁରକ୍ଷାର ସ୍ଥାନ ଅଟେ ।

ପୁଣି ଏହା ଆମ ଈଶ୍ୱରଙ୍କର କେତେ ସୁନ୍ଦର ଚିତ୍ର ଅଟେ ।

ଯେତେବେଳେ ଆମ ଚତୁଃପାର୍ଶ୍ୱସ୍ଥ ସମସ୍ତ ବିଷୟ ଅନିଶ୍ଚିତ ମନେହୁଏ, ସେତେବେଳେ ଈଶ୍ୱର ଆମର ସୁରକ୍ଷିତ ସ୍ଥାନ ଅଟନ୍ତି ।

ଈଶ୍ୱର ଯେ ଆମର ଆଶ୍ରୟ ଅଟନ୍ତି - ଏହି ବିଷୟରେ ବାଇବଲ କ'ଣ କହେ ?

ଈଶ୍ୱର ଆମର ଆଶ୍ରୟ ବୋଲି ବାଇବଲ ବାରମ୍ବାର ଆମକୁ ସ୍ମରଣ କରାଇ ଦେଇଛି :

''କେବଳ ସେ ମୋହର ଶୈଳ ଓ ପରିତ୍ରାଣ, ସେ ମୋହର ଉଚ୍ଚଦୁର୍ଗ, ମୁଁ ଅତିଶୟ ବିଚଳିତ ହୋଇବି'' (ଗୀତ ୬୨:୨) ।

''ପରମେଶ୍ୱର ଆମ୍ଭମାନଙ୍କର ଆଶ୍ରୟ ଓ ବଳ, ବୁର୍ଦ୍ଦଶାକାଳରେ ଅତି ନିକଟବର୍ତ୍ତୀ ସହାୟ'' (ଗୀତ ୪୬:୧) ।

''ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋହର ଆଶ୍ରୟ ଓ ମୋହର ଦୁର୍ଗ, ମୋହର ପରମେଶ୍ୱର, ମୁଁ ତାହାଙ୍କଠାରେ ଭରସା ରଖେ'' (ଗୀତ ୯୧:୨) ।

''ହେ ଲୋକମାନେ, ସବୁବେଳେ ତାହାଙ୍କଠାରେ ନିର୍ଭର କର, ତାହାଙ୍କ ଛାମୁରେ ମନର ସବୁ କଥା ଢାଳି କୁହ । ପରମେଶ୍ୱର ଆମ୍ଭମାନଙ୍କ ନିମନ୍ତେ ଆଶ୍ରୟ'' (ଗୀତ ୬୨:୮) ।

''ସଦାପ୍ରଭୁ ମଙ୍ଗଳମୟ ଓ ସଙ୍କଟ ଦିନରେ ଦୃଢ଼ ଦୁର୍ଗ ଅଟନ୍ତି, ଆଉ ଯେଉଁମାନେ ତାହାଙ୍କଠାରେ ନିର୍ଭର କରନ୍ତି, ସେମାନଙ୍କୁ ସେ ଜାଣନ୍ତି'' (ନାହୂମ ୧:୭) ।

''ସଦାପ୍ରଭୁଙ୍କ ନାମ ଦୃଢ଼ ଗଡ଼, ଧାର୍ମିକ ଲୋକ ତହିଁକି ପଳାଇ ରକ୍ଷାପାଏ'' (ହିତୋପଦେଶ ୧୮:୧୦) ।

''ପରମେଶ୍ୱରଙ୍କର ପ୍ରତ୍ୟେକ ବାକ୍ୟ ପରୀକ୍ଷା ସିଦ୍ଧ, ଯେଉଁମାନେ ତାହାଙ୍କର ଆଶ୍ରୟ ନିଅନ୍ତି, ସେ ସେମାନଙ୍କର ଢାଲ'' (ହିତୋପଦେଶ ୩୦:୫) ।

କେତେ ତମସ୍କାର ଉତ୍ତର !

ଈଶ୍ୱର ଏପରି ଜଣେ ବ୍ୟକ୍ତି ନୁହଁନ୍ତି, ଯିଏ କେବଳ ବେଳେ ବେଳେ ଆସିପାରନ୍ତି । ସେ ସବୁ ସମୟରେ ଆମର ଆଶ୍ରୟ ଅଟନ୍ତି ।

ଗୋଟିଏ ବ୍ୟକ୍ତିଗତ ପ୍ରଶ୍ନ !

ଆମ ମଧ୍ୟରୁ କେତେ ଜଣ ଆନ୍ତରିକଭାବେ କହିପାରିବେ : ''ସେ ମୋର ଆଶ୍ରୟ, କେବଳ ସେ ମୋହର ଆଶ୍ରୟ ଅଟନ୍ତି ।''

ମୁଁ ଏହି ପଦ୍ୟ ଉପରେ ଚିନ୍ତା କରୁଥିବା ସମୟରେ, ବାପ୍ତିସ୍ମର ଆମର ଆଶ୍ରୟ ଭାବରେ ଈଶ୍ୱରଙ୍କର ଭରସା ଦାୟକ ଓ ଶକ୍ତିପୂର୍ଣ୍ଣ ଚିତ୍ର ଦ୍ୱାରା ବିସ୍ମୟାନ୍ୱିତ ହୋଇଥିଲି ।

ଏହା ମୋତେ ପୁରାତନ ନିୟମରେ ବର୍ଣ୍ଣିତ ହୋଇଥିବା ଆଶ୍ରୟ ନଗର ବିଷୟରେ ସ୍ମରଣ କରାଇ ଦେଇଥିଲା । ମୁଁ ଏହି ନଗରଗୁଡ଼ିକ ବିଷୟରେ ଯେତେ ଅଧିକ ଅଧ୍ୟୟନ କରୁଥିଲି, ସେତେ ଗଭୀର ଭାବେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମର ଆଶ୍ରୟ ପାଇଁ ପ୍ରଶଂସା କରିବା ଆରମ୍ଭ କରିଥିଲି ।

ଆଶ୍ରୟ ନଗରଗୁଡ଼ିକ :

ଯେତେବେଳେ ଈଶ୍ୱର ଇସ୍ରାଏଲୀୟ ଗୋଷ୍ଠୀଗୁଡ଼ିକୁ ପ୍ରତିଶ୍ରୁତ ଦେଶ ପ୍ରଦାନ କରିଥିଲେ, ସେତେବେଳେ ଲେବୀୟମାନେ ଅନ୍ୟ ଗୋଷ୍ଠୀଗୁଡ଼ିକ ଭଳି କୌଣସି ଅଞ୍ଚଳ ପାଇ ନ ଥିଲେ । ସଦାପ୍ରଭୁ ନିଜେ ସେମାନଙ୍କର ଅଧିକାରର ବାଣ୍ଟପୁରୂପ ହୋଇଥିଲେ ।

''କାରଣ ଯୁଷମାନଙ୍କ ମଧ୍ୟରେ ଲେବୀୟମାନଙ୍କର କୌଣସି ଅଂଶ ନାହିଁ, ଯେହେତୁ ସଦାପ୍ରଭୁଙ୍କର ଯାଜକତ୍ୱ ପଦ ସେମାନଙ୍କର ଅଧିକାର...'' (ଯିହୋଶୂୟ ୧୮:୭) ।

କିନ୍ତୁ, ପ୍ରତ୍ୟେକ ଗୋଷ୍ଠୀକୁ ସେମାନଙ୍କ ଅଞ୍ଚଳର ଗୋଟିଏ ଭାଗ ଲେବୀୟମାନଙ୍କ ପାଇଁ ଚିହ୍ନଟ କରିବାକୁ ପଡ଼ିଥିଲା । ସେମାନେ ସମଗ୍ର ଇସ୍ରାଏଲୀୟ ଅଞ୍ଚଳଗୁଡ଼ିକ ମଧ୍ୟରେ ନଗରଗୁଡ଼ିକୁ ପାଇଥିଲେ । ପର୍ବମୋଟ, ସେମାନେ ୪୮ଟି ନଗର ପାଇଥିଲେ ଓ ସେଗୁଡ଼ିକ ମଧ୍ୟରୁ ୬ଟିକୁ ଆଶ୍ରୟ ନଗର ଭାବରେ ନାମିତ କରାଯାଇଥିଲା ।

ଏହି ୬ଟି ନଗରୀକୁ ଦେଶ ମଧ୍ୟରେ ଏପରି ଭାବରେ ବଣ୍ଟନ କରାଯାଇଥିଲା, ଯେପରି କୌଣସି ବିପଦଗ୍ରସ୍ତ ବ୍ୟକ୍ତିକୁ ସେଠାରେ ପହଞ୍ଚିବା ପାଇଁ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ ନାହିଁ ।

ଆଶ୍ରୟ ନଗରଗୁଡ଼ିକର ଉଦ୍ଦେଶ୍ୟ

ଗଣନା ପୁସ୍ତକ ୩୫:୨୨-୨୮ରେ ଏହି ନଗରଗୁଡ଼ିକର ଉଦ୍ଦେଶ୍ୟ ବର୍ଣ୍ଣିତ ଅଛି ।

ବେଳେ ବେଳେ ଏପରି ପରିସ୍ଥିତି ଦେଖା ଦେଉଥିଲା, ଯେତେବେଳେ କୌଣସି ବ୍ୟକ୍ତି ଉଦ୍ଦେଶ୍ୟ ବିହୀନ ଭାବରେ ଅନ୍ୟ ଜଣଙ୍କର ହତ୍ୟାର କାରଣ ହେଉଥିଲା । ଏହିପରି ଏକ ଘଟଣାରେ, ମୃତ୍ୟୁ ପାଇଁ ଦାୟୀ ଥିବା ବ୍ୟକ୍ତି ଉତ୍ତର

ପରିଶୋଧକାରୀଠାରୁ ସୁରକ୍ଷା ପାଇବା ପାଇଁ କୌଣସି ଗୋଟିଏ ଆଶ୍ରୟ ନଗରକୁ ପଳାୟନ କରି ପାରୁଥିଲା ।

ତେବେ କିଏ ମୃତ୍ୟୁର କାରଣ ଓ କିଏ ରକ୍ତର ପ୍ରତିଶୋଧକାରୀ, ଏହି ବିଷୟରେ ମଣ୍ଡଳୀ ବିଚାର କରୁଥିଲା ।

ଯଦି ମୃତ୍ୟୁ ଆକସ୍ମିକଭାବେ ଘଟିଛି ବୋଲି ସୁନିଶ୍ଚିତ ଭାବରେ କଣା ପଡୁଥିଲା, ତେବେ ସେହି ହତ୍ୟାକାରୀ ତତ୍‌କାଳୀନ ମହାଯାଜକଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଆଶ୍ରୟ ନଗରରେ ରହି ପାରୁଥିଲା ।

ମାତ୍ର, ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସତ୍ୟ ଥିଲା :

ସେହି ବ୍ୟକ୍ତିକୁ ନଗରର ସୀମା ଭିତରେ ହିଁ ରହିବାକୁ ପଡୁଥିଲା ।

ଯଦି ସେ ମହାଯାଜକଙ୍କ ମୃତ୍ୟୁପୂର୍ବରୁ କାଣିଶୁଣି ଆଶ୍ରୟ ନଗରକୁ ପରିତ୍ୟାଗ କରୁଥିଲା, ତେବେ ସେ ଆଉ ସୁରକ୍ଷା ଅଧୀନରେ ରହୁ ନ ଥିଲା ଓ ରକ୍ତ ପ୍ରତିଶୋଧକାରୀ ତାଙ୍କ ଉପରେ କୌଣସି ଦୋଷ ନ ଘଟାଇ ସେହି ହତ୍ୟାକାରୀକୁ ହତ୍ୟା କରିପାରୁଥିଲା ।

ମହାଯାଜକଙ୍କ ମୃତ୍ୟୁପରେ, ସେହି ହତ୍ୟାକାରୀ ସ୍ୱଘରକୁ ଫେରିବା ପାଇଁ ସ୍ୱାଧୀନ ଥିଲା ।

ଆଶ୍ରୟ ସମୟରେ କେତେ ଶକ୍ତିଶାଳୀ ଚିତ୍ର !

ଏହି ଆଶ୍ରୟ ନଗର ଗୁଡ଼ିକରୁ, ଆମେ କ'ଣ ଶିକ୍ଷା କରୁ ?

୧. ସେଗୁଡ଼ିକ ସୁରକ୍ଷା ଯୋଗାଇ ଦେଉଥିଲେ ।

ଆଶ୍ରୟ ନଗର ସେହି ବ୍ୟକ୍ତିକୁ ଏକ ଯଥାର୍ଥ ବିଚାର ପର୍ଯ୍ୟନ୍ତ ପ୍ରତିଶୋଧକାରୀ ବ୍ୟକ୍ତିଠାରୁ ସୁରକ୍ଷା ଦେଉଥିଲା, ଯିଏ ଉତ୍ତେଜିତ ଭାବରେ ଅନ୍ୟ କାହାକୁ ହତ୍ୟା କରୁଥିଲା ।

୨. ସେଗୁଡ଼ିକ ଏକ ନିରାପଦ ସ୍ଥାନ ଯୋଗାଇ ଦେଉଥିଲେ ।

ଯଦି ମୃତ୍ୟୁ ଆକସ୍ମିକ ଭାବେ ଘଟିଛି ବୋଲି କଣା ପଡୁଥିଲା, ତେବେ ସେହି ବ୍ୟକ୍ତି ସେହି ବ୍ୟକ୍ତି ନଗର ମଧ୍ୟରେ ସୁରକ୍ଷିତ ଭାବେ ରହି ପାରୁଥିଲା ।

୩. ସେଗୁଡ଼ିକ ସୁଗମ୍ୟ ଥିଲା ।

ସେହି ୬ଟି ନଗରକୁ ଦେଶ ମଧ୍ୟରେ ଏପରି ଭାବରେ ବଣ୍ଟନ କରାଯାଇଥିଲା, ଯେପରିକି ଆବଶ୍ୟକ ସମୟରେ ଲୋକମାନେ ସୁବିଧାଜନକ ଭାବରେ ସେଗୁଡ଼ିକ ମଧ୍ୟରେ ପହଞ୍ଚରେ ପ୍ରବେଶ କରିପାରିବେ ।

୪. ସେଗୁଡ଼ିକ ଅଣ-ଇସ୍ରାଏଲୀୟମାନଙ୍କ ପାଇଁ ମଧ୍ୟ ଉପଲବ୍ଧ ଥିଲା ।

ଏହି ସୁବିଧା କେବଳ ଇସ୍ରାଏଲୀୟମାନଙ୍କ ପାଇଁ ନୁହେଁ, ମାତ୍ର ସେମାନଙ୍କ ମଧ୍ୟରେ ବାସ କରୁଥିବା ବିଦେଶୀ ଓ ଯାତ୍ରୀମାନଙ୍କ ପାଇଁ ମଧ୍ୟ ଉପଲବ୍ଧ ଥିଲା ।

୫. ସୁରକ୍ଷାର ସୀମା ରହିଥିଲା ।

ଯେଉଁ ବ୍ୟକ୍ତି ନଗର ମଧ୍ୟକୁ ପଳାୟନ କରୁଥିଲା, ତାକୁ ଏହାର ସୀମା ମଧ୍ୟରେ ରହିବାକୁ ପଡୁଥିଲା । ନଗରକୁ ପରିତ୍ୟାଗ କରିବାର ଅର୍ଥ ଥିଲା, ସୁରକ୍ଷାର ସ୍ଥାନକୁ ପରିତ୍ୟାଗ କରିବା ।

୬. ସୁରକ୍ଷା ମହାଯାଜକଙ୍କ ଜୀବନ ସହିତ ସଂଯୁକ୍ତ ଥିଲା ।

ସେହି ନରଘାତକ ତତ୍‌କାଳୀନ ମହାଯାଜକଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେହି ନଗର ମଧ୍ୟରେ ରହୁଥିଲା । ଏହା ପରେ, ସେ ନିଜର ଅଧିକାର ସ୍ଥାନକୁ ଫେରି ଯାଇ ପାରୁଥିଲା ।

ଗୋଟିଏ ଆକସ୍ମିକ ମୃତ୍ୟୁ ପରେ ଯେଉଁଠାରେ କେଣେ ସୁରକ୍ଷା ପାଇପାରିବ, ଏପରି ଗୋଟିଏ ନଗର ଅଛି ବୋଲି କାଣି, ନିଜର ପ୍ରାଣ ରକ୍ଷାର୍ଥେ ସେଠାକୁ ପଳାୟନ କରିବା ଦ୍ୱାରା ସେ ଯେଉଁ ଆଶ୍ୱସ୍ତି ଅନୁଭବ କରୁଥିଲା, ତାହାକୁ ଆପଣ କଳ୍ପନା କରି ପାରୁଛନ୍ତି କି ?

୬ଟି ଆଶ୍ରୟ ନଗର !

ଈଶ୍ୱର ପର୍ଦ୍ଦନ ନଦୀର ଉଭୟ ପାର୍ଶ୍ୱରେ ତିନିଟି କରି ମୋଟ ୬ଟି ଆଶ୍ରୟ ନଗର ନିରୂପଣ କରିଥିଲେ ।

ପର୍ଦ୍ଦନର ପଶ୍ଚିମରେ :

ଉତ୍ତରାଞ୍ଚଳରେ, ନପ୍ତାଲୀର ପାର୍ବତ୍ୟ ଦେଶରେ ଅବସ୍ଥିତ କେଦଶ ମଧ୍ୟାଞ୍ଚଳରେ (ଗାଲିଲୀ) ଇପ୍ରୟିମର ପାର୍ବତ୍ୟ ଦେଶରେ ଅବସ୍ଥିତ – ଶିଖିମ ।

ଦକ୍ଷିଣାଞ୍ଚଳରେ ଯିହୁଦାର ପାର୍ବତ୍ୟ ଦେଶରେ ଅବସ୍ଥିତ ହିବ୍ରୋଣ (କିରୀୟତ୍-ଅର୍ବା) ।

ପର୍ଦ୍ଦନର ପୂର୍ବରେ

ଉତ୍ତରାଞ୍ଚଳରେ ବାଶନଠାରେ ଅବସ୍ଥିତ ଗୋଲାନ୍ (ମନଃଶି ଗୋଷ୍ଠୀ ପ୍ରତି ପ୍ରଦତ୍ତ) ।

ଗାଦ୍ ଗୋଷ୍ଠୀର ମଧ୍ୟାଞ୍ଚଳରେ ଅବସ୍ଥିତ, ଗିଲିୟଦର ରାମୋତ୍ ।

ଦକ୍ଷିଣାଞ୍ଚଳରେ ରୁବେନ ବଂଶର ମାଳଭୂମି ଅଞ୍ଚଳରେ ଅବସ୍ଥିତ ବେତ୍‌ସର ।

ଏହି ନଗରଗୁଡ଼ିକୁ ବିବେଚନା ପୂର୍ବକ ଏପରି ସ୍ଥାନରେ ରଖାଯାଇଥିଲା ଯେପରିକି ଆଶ୍ରୟଯାଚକ ଅପହଞ୍ଚ ହେବ ନାହିଁ ।

ନୂତନ ନିୟମରେ ଆଶ୍ରୟ

ତେବେ, ଆଜି ବିଶ୍ୱାସୀଭାବରେ ଆମ ପାଇଁ ଆଶ୍ରୟର ଏହି ଚିତ୍ରର ଅର୍ଥ କ'ଣ ?

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମ ପରମ ଆଶ୍ରୟର ସ୍ଥାନ ଅଟନ୍ତି ।

ପୁରାତନ ନିୟମ ଅଧୀନରେ ଆଶ୍ରୟ ନଗରଗୁଡ଼ିକ କ୍ଷଣସ୍ଥାୟୀ ସୁରକ୍ଷା ଯୋଗାଉଥିଲା । ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ଅସୀମ ଭାବରେ କିଛି ଶ୍ରେଷ୍ଠତର ବିଷୟ ପ୍ରଦାନ କରନ୍ତି । ସେ ଆକସ୍ମିକ ଭାବେ ମୃତ୍ୟୁବରଣ କରି ନ ଥିଲେ । ସେ ଆମକୁ ପାପରୁ ରକ୍ଷା କରିବା ପାଇଁ ସ୍ୱେଚ୍ଛାରେ ନିଜର ଜୀବନ ଉତ୍ସର୍ଗ କରିଥିଲେ ।

''କିନ୍ତୁ, ଆମ୍ଭେମାନେ ପାପୀ ଥିବା ସମୟରେ ପ୍ରଭୁ ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି'' (ରୋମୀୟ ୫:୮) ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୃତ୍ୟୁ ପରାସ୍ତ କରି ପୁନରୁତ୍ଥିତ ହୋଇଥିଲେ ।

ପାର୍ଥିବ ମହାଯାଜକମାନେ ଶେଷରେ ମୃତ୍ୟୁବରଣ କରୁଥିଲେ, ମାତ୍ର ଆମର ଶ୍ରେଷ୍ଠ ମହାଯାଜକ ଚିରଦିନ ପାଇଁ ଜୀବିତ ଅଟନ୍ତି ।

ସେଥିପାଇଁ, ଆମର ଆଶ୍ରୟ ସ୍ଥାନ କ୍ଷଣସ୍ଥାୟୀ ନୁହେଁ ।

ଆମର ଆଶ୍ରୟ ଅନନ୍ତକାଳୀନ ଅଟେ !

ରୋମୀୟ ୬:୯ରେ କୁହାଯାଏ :

''ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଉତ୍ଥାପିତ ହେବାରୁ ଯେ ଆଉ କେବେ ମରିବେ ନାହିଁ, ଏହା ତ ଆମ୍ଭେମାନେ ଜାଣୁ । ତାହାଙ୍କ ଉପରେ ମୃତ୍ୟୁର ଆଉ କର୍ତ୍ତୃତ୍ୱ ନାହିଁ ।''

କିପରି ଗୌରବମୟ ଭରସା ! ପ୍ରଭୁ ଯୀଶୁ ଖ୍ରୀଷ୍ଟ ଯେତେବେଳେ ଆମର ଆଶ୍ରୟ ସ୍ୱରୂପ ହୋଇଥିଲେ, ଯେତେବେଳେ ଆମେ ପାପୀ ଥିଲୁ, ଯେତେବେଳେ ଆମେ ଈଶ୍ୱରଙ୍କଠାରୁ ଦୂରରେ, ତାଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଥିଲୁ ।

ମାତ୍ର ଆମେ ଦୂରରେ ରହୁ ବୋଲି ଈଶ୍ୱର ଇଚ୍ଛା କରନ୍ତି ନାହିଁ ।

ସେ ଆମକୁ ନିକଟକୁ ଡାକନ୍ତି ।

ସେ ଆମକୁ ତାଙ୍କଠାରେ ସଂପୂର୍ଣ୍ଣଭାବେ ବିଶ୍ୱାସ କରିବାକୁ କହନ୍ତି ।

ଆମେ ଯେପରି ତାଙ୍କୁ ଆମର ବାସସ୍ଥାନ, ଆମର ଆଶ୍ରୟ, ଆମର ଦୃଢ଼ଗଡ଼ ଓ ଆମର ଶରଣ ସ୍ଥାନ କରିନ୍ତୁ, ଏଥିପାଇଁ ସେ ଆମକୁ ଆହ୍ୱାନ କରନ୍ତି ।

(ପରବର୍ତ୍ତୀ ୬ଷ ପୃଷ୍ଠାରେ)

ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ପ୍ରସ୍ତୁତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ନଭେମ୍ବର ୧୯ ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିୟମିତ ପ୍ରାର୍ଥନା କରନ୍ତୁ)

ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ନଭେମ୍ବର ୧୯ ⇨ ଆମର ପମର୍ପିତ ପଞ୍ଚେସ୍ଥର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ।

ନଭେମ୍ବର ୨୦ ⇨ ଆମର ପୁଷ୍ପ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ପଞ୍ଚେସ୍ଥର ପାଇଁ ଅଧିକ ପିଲାଙ୍କୁ ଯୋଗାଇ ଦେଉଥିବାରୁ ।

ନଭେମ୍ବର ୨୧ ⇨ ଆମର ଡାକ୍ତରଖାନା ସେବାକାର୍ଯ୍ୟରେ ଈଶ୍ୱରଙ୍କର ଆଶ୍ଚର୍ଯ୍ୟକର୍ମ ନିମନ୍ତେ ।

ନଭେମ୍ବର ୨୨ ⇨ ଆମର ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ସେବାକାର୍ଯ୍ୟରେ ଆମକୁ ସାହାଯ୍ୟ କରିବା ପାଇଁ ପମର୍ପିତ ପତ୍ରଯୋଗୀ ସଂପାଦକମାନଙ୍କୁ ଯୋଗାଇ ଦେଉଥିବାରୁ ।

ନଭେମ୍ବର ୨୩ ⇨ ଆମର ଅନୁଷ୍ଠାନକୁ ନୂତନ କର୍ମଚାରୀମାନଙ୍କୁ ଯୋଗାଇ ଦେଉଥିବାରୁ ।

ନଭେମ୍ବର ୨୪ ⇨ ଆମ ମଣ୍ଡଳୀ ପତ୍ତିତ ନୂତନ ବିଶ୍ୱାସୀମାନଙ୍କୁ ସଂଯୁକ୍ତ କରିଥିବାରୁ ।

ନଭେମ୍ବର ୨୫ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅଧ୍ୟକ୍ଷ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ନିମନ୍ତେ ।

ନଭେମ୍ବର ୨୬ ⇨ ବହୁପୁଷ୍ଟୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର କରିବା ପାଇଁ ଆମ ବରିଷ୍ଠ ପାଳକଙ୍କର ପମର୍ପଣ ନିମନ୍ତେ ।

ନଭେମ୍ବର ୨୭ ⇨ ଆମର ପମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୨୮ ⇨ ଆମର ନିୟମିତ ସାହାଯ୍ୟକାରୀ ଓ ସେମାନଙ୍କର ସକ୍ରିୟ ଅନ୍ତର୍ଭୁକ୍ତି ନିମନ୍ତେ ।

ନଭେମ୍ବର ୨୯ ⇨ ଆମର କ୍ଷେତ୍ରୀୟ କର୍ମଚାରୀ ଓ ସେମାନଙ୍କର ପରିବାର ନିମନ୍ତେ ।

ନଭେମ୍ବର ୩୦ ⇨ ଆମର ପଣ୍ଡମାଧବ (ସୁ-ଟ୍ୟୁବ)ର ସେହି କର୍ମଚାରୀମାନଙ୍କ ନିମନ୍ତେ ଯେଉଁମାନେ ଅପହଞ୍ଚମାନଙ୍କ ନିକଟରେ ପହଞ୍ଚିବାରେ ଆମକୁ ସାହାଯ୍ୟ କରୁଛନ୍ତି ।

ଡିସେମ୍ବର ୧ ⇨ ଆମର ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଡିସେମ୍ବର ୨ ⇨ ଆମ ସେବାକାର୍ଯ୍ୟର ଆବଶ୍ୟକତାଗୁଡ଼ିକୁ ପୂରଣ କରିଥିବାରୁ ।

ଡିସେମ୍ବର ୩ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ଚିହ୍ନିମିୟା ବାଇବଲ କଲେଜଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଦୟାକରି ପ୍ରାର୍ଥନା କରନ୍ତୁ

ଡିସେମ୍ବର ୪ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାର ପବପ୍ରାଙ୍କର ନିରାପତ୍ତା ଓ ସୁରକ୍ଷା ନିମନ୍ତେ ।

ଡିସେମ୍ବର ୫ ⇨ ଆମ ଦେଶର ପମସ୍ତ ନାଗରିକଙ୍କ ମଧ୍ୟରେ ଏକତା ନିମନ୍ତେ ।

ଡିସେମ୍ବର ୬ ⇨ ଆମର ପମସ୍ତ ପତ୍ରଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକର କଲ୍ୟାଣ ନିମନ୍ତେ ।

ଡିସେମ୍ବର ୭ ⇨ ପୃଥିବୀର ପମସ୍ତ ରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ ଓ ସରକାରୀ ଅଧିକାରୀମାନଙ୍କର ସୁରକ୍ଷା ନିମନ୍ତେ ।

ଡିସେମ୍ବର ୮ ⇨ ଆମର ଚିହ୍ନିମିୟା ବାଇବଲ କଲେଜ ଓ ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ନିମନ୍ତେ ।

ଡିସେମ୍ବର ୯ ⇨ ମଦ୍ୟପ ଓ ନିଶାସକ୍ତ ବ୍ୟକ୍ତିମାନଙ୍କର ଅନୁତାପ ନିମନ୍ତେ ।

ଡିସେମ୍ବର ୧୦ ⇨ ଭାରତର ଅପହଞ୍ଚ ଗାଁ ଗୁଡ଼ିକରେ ସୁସମାଚାର ପ୍ରଚାର ପାଇଁ ଈଶ୍ୱର ଯେପରି ଦୟା ଦେଖାଇବେ ।

ଡିସେମ୍ବର ୧୧ ⇨ ପମଗ୍ର ପୃଥିବୀର ମଣ୍ଡଳୀ ଓ ପାଳକମାନଙ୍କ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଡିସେମ୍ବର ୧୨ ⇨ ଆମର ପମସ୍ତ ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମନ୍ତେ ।

ଡିସେମ୍ବର ୧୩ ⇨ ଆମର ବଡ଼ଦିନ ପାଳନ ଓ ନୂତନ ବର୍ଷ ୨୦୨୭ର ରାତ୍ରି ଉଜାଗର ଉପାସନା ନିମନ୍ତେ ।

ଡିସେମ୍ବର ୧୪ ⇨ ପୃଥିବୀର ପମସ୍ତ ଦେଶ ମଧ୍ୟରେ ପଚ୍ୟ ନିଷା ନିମନ୍ତେ ।

ଡିସେମ୍ବର ୧୫ ⇨ ପମଗ୍ର ପୃଥିବୀର ପମସ୍ତ ମହିଳା ଓ ଶିଶୁଙ୍କର ସୁରକ୍ଷା ନିମନ୍ତେ ।

ଡିସେମ୍ବର ୧୬ ⇨ ଯୁବକମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତି ଯେପରି ଦୂର ହେବ ।

ଡିସେମ୍ବର ୧୭ ⇨ ଆମର ଅନୁଷ୍ଠାନ ପାଇଁ ଉପଯୁକ୍ତ କର୍ମଚାରୀ ଯୋଗାଇ ଦେବା ନିମନ୍ତେ ।

ଡିସେମ୍ବର ୧୮ ⇨ ଆମର ସେବାକାର୍ଯ୍ୟର ସଂପ୍ରସାରଣ ଓ ସୁସମାଚାରର ବିଶ୍ୱ ବ୍ୟାପୀ ପ୍ରଚାର ନିମନ୍ତେ ।

(୬ଟ ପୃଷ୍ଠାର ପରବର୍ତ୍ତୀ ଅଂଶ)

ବାଇବଲରେ ଲେଖାଅଛି :

''ଯେଉଁମାନେ ସଦାପ୍ରଭୁଙ୍କଠାରେ ନିର୍ଭର କରନ୍ତି, ସେମାନେ ଅଟଳ ଓ ନିତ୍ୟସ୍ଥାୟୀ ସିୟୋନ ପର୍ବତ ତୁଲ୍ୟ'' (ଗୀତସଂହିତା ୧୨୫:୧) ।

ଏହାର ଅନ୍ୟ ଏକ ଅନୁବାଦ ଅନୁଯାୟୀ, ''ଯଦି ଆମେ ତାଙ୍କଠାରେ ଆମର ଭରସା ରଖିବା, ତେବେ ଆମେ ପରାଜିତ ହେବା ନାହିଁ ।''

ପ୍ରିୟ ଭାଇ ଓ ଭଉଣୀମାନେ, ଈଶ୍ୱର ଆପଣ ମାନଙ୍କର ପରିବେଶ ଜାଣନ୍ତି । ପ୍ରଭୁ ଯେତେ ଉତ୍ତମ ଅଟନ୍ତି, ଏହାକୁ ଚାଖି ଦେଖିବା ପାଇଁ ମୁଁ ଆପଣମାନଙ୍କୁ ଉତ୍ସାହିତ କରୁଛି ।

ଯେତେବେଳେ ଈଶ୍ୱରଙ୍କଠାରେ ଆମର ଦୃଢ଼ ବିଶ୍ୱାସ ଥାଏ, ସେତେବେଳେ ଝଡ଼ ଆସିପାରେ, ପବନ ବହିପାରେ ଓ ପରିବେଶ ପରିବର୍ତ୍ତିତ ହୋଇପାରେ – ମାତ୍ର ଆଶ୍ରୟସ୍ଥଳ ବିସ୍ମୃତ ହୋଇ ରହିଥିବାରୁ, ଆମର ମୂଳଦୁଆ ଅଟଳ ରହେ ।

ଗୋଟିଏ ଠିକଣା ଆଶ୍ରୟ : ମିଥ୍ୟାରୂପକ ଆଶ୍ରୟ !

ବାଇବଲ ଆମକୁ ଅନ୍ୟ ଏକ ପ୍ରକାର, ଆଶ୍ରୟ – ଏକ ମିଥ୍ୟା ଆଶ୍ରୟ ବିଷୟରେ ପଥ ପ୍ରଦର୍ଶନ କରିଛି ।

ଯିଶାଇୟ ୨୮:୧୫ରେ ଲେଖାଯାଇଛି :

''...ଆପଣେମାନେ ମିଥ୍ୟାକୁ ଆପଣା ଆପଣା ଆଶ୍ରୟ କରିଅଛ ଓ ଅସତ୍ୟର ତଳେ ଆପଣେମାନେ ଆତ୍ମମାନଙ୍କୁ ଲୁଚାଇ ଅଛ ।''

ଲୋକମାନେ ଈଶ୍ୱରଙ୍କୁ ସେମାନଙ୍କ ଆଶ୍ରୟସ୍ଥାନ କରିବା ପରିବର୍ତ୍ତେ, ପ୍ରାୟତଃ, ଏପରି ବିଷୟଗୁଡ଼ିକରେ ନିର୍ଭର କରନ୍ତି, ଯେଉଁଗୁଡ଼ିକ ସେମାନଙ୍କୁ ଶେଷରେ ରକ୍ଷା କରିପାରେ ନାହିଁ ।

ମିଥ୍ୟାର ଜନକ କିଏ, ତାହା ଆମେ ଜାଣୁ ।

ଶୟତାନ ଷଣ୍ଢସାୟୀ, ଭଲ୍ଲୁର ଓ ଘାୟୀ ସୁରକ୍ଷା ଯୋଗାଇ ଦେବା ପାଇଁ ଅସମର୍ଥ ବିଷୟ ଗୁଡ଼ିକରେ ଭରସା କରିବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରିବା ଦ୍ୱାରା ସେମାନଙ୍କୁ ପ୍ରତାରଣା କରିଥାଏ ।

କେଉଁ କେଉଁ ବିଷୟ ଆମର ମିଥ୍ୟା ଆଶ୍ରୟ ହୋଇପାରେ ?

ଧନ, ଖ୍ୟାତି, ଶିକ୍ଷା, ଶ୍ରମତା, ପଦବୀ, ପ୍ରତିଭା, ସଫଳତା, ସଂପର୍କ, ଗୌତିକ ସଂପତ୍ତି, ଇତ୍ୟାଦି ।

ଏଗୁଡ଼ିକ ମଧ୍ୟରୁ କୌଣସି ବିଷୟ ମଦ ନୁହେଁ ।

ମାତ୍ର ବିପଦ ସେତେବେଳେ ଆସେ, ଯେତେବେଳେ ଆମେ ଈଶ୍ୱରଙ୍କୁ ଆମର ଆଶ୍ରୟ କରିବା ପରିବର୍ତ୍ତେ, ସେଗୁଡ଼ିକୁ ଆମର ଆଶ୍ରୟ କରିଦେଉ ।

ଯେତେବେଳେ କୌଣସି ସୃଷ୍ଟ ବିଷୟ ସୃଷ୍ଟିକର୍ତ୍ତାଙ୍କର ସ୍ଥାନ ନିଏ, ସେତେବେଳେ ଏହା ଏକ ମିଥ୍ୟା ଆଶ୍ରୟରେ ପରିଣତ ହୁଏ ।

ଏହା ଏକ 'ମିଥ୍ୟାର ଆଶ୍ରୟସ୍ଥାନ' ହୋଇଯାଏ ଓ ପ୍ରତ୍ୟେକ ମିଥ୍ୟା ଆଶ୍ରୟ ଶେଷରେ ବିପଜ୍ଜନକ ହୁଏ ।

ଯିଶାଇୟ ୨୮:୧୭–୧୮ ଆମକୁ ଏକ ଜଉମ ଚିତ୍ର ପ୍ରଦାନ କରିଛି :

''...ଶିଳାବୃଷ୍ଟି ମିଥ୍ୟାରୂପ ଆଶ୍ରୟକୁ ବିନାଶ କରିବ ଓ କଳାରାଶି ଲୁଚିବା ସ୍ଥାନକୁ ମଗ୍ନ କରିବ । ପୁଣି ମୃତ୍ୟୁ ସହିତ ତୁମ୍ଭମାନଙ୍କର କୃତ ନିୟମ ରହିତ କରାଯିବ ଓ ପାତାଳ ସଙ୍ଗେ ତୁମ୍ଭମାନଙ୍କର ସନ୍ଧି ସ୍ଥିର ହେବ ନାହିଁ...।''

ମିଥ୍ୟା ଉପରେ ନିର୍ମିତ ପ୍ରତ୍ୟେକ ବିଷୟ ଶେଷରେ ଭୂମିସାତ୍ ହେବ ।

ମାତ୍ର ଈଶ୍ୱରଙ୍କର ପ୍ରଶଂସା ହେଉ – ଆମ ନିକଟରେ କିଛି ଉତ୍କୃଷ୍ଟତର ବିଷୟ ଅଛି ।

ଆମର ଜଣେ ଜୀବିତ ତ୍ରାଣକର୍ତ୍ତା ଅଛନ୍ତି ।

ଆମର ଗୋଟିଏ ଅଟଳ ମୂଳଦୁଆ ଅଛି ।

ଆମର କୋଣ ପ୍ରସ୍ତର – ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଛନ୍ତି ।

ଯିଶାଇୟ ୨୮:୧୬ରେ ଲେଖାଯାଇଛି :

''...ଦେଖ, ଆମ୍ଭେ ଭିତ୍ତିମୂଳ ନିମନ୍ତେ ସିୟୋନରେ ଏକ ପ୍ରସ୍ତର, ପରୀକ୍ଷା ପ୍ରସ୍ତର, ବହୁ ଭିତ୍ତିମୂଳ ସ୍ୱରୂପ ବହୁମୂଲ୍ୟ କୋଣ ପ୍ରସ୍ତର ସ୍ଥାପନ କରୁଅଛୁ, ଯେ ବିଶ୍ୱାସ କରେ, ସେ ଚଞ୍ଚଳ ହେବ ନାହିଁ ।''

କେତେ ବଡ଼ ପାର୍ଥକ୍ୟ !

ମିଥ୍ୟା ରୂପ ଆଶ୍ରୟ ଭୂମିସାତ୍ ହେବ ।

ମାତ୍ର ଖ୍ରୀଷ୍ଟଙ୍କଠାରେ ଥିବା ଆମର ଆଶ୍ରୟ ଆଦୌ ପତିତ ହେବ ନାହିଁ ।

ଆଜି ଆମର ଆଶ୍ରୟ କେଉଁଠାରେ ରହିଛା ତା'ଣ ଅଟେ ?

ଏପରି କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛି, ଯାହା ଆମର ବୁଝିବା ଆବଶ୍ୟକ ଅଟେ ।

ଯେଉଁ ବ୍ୟକ୍ତି ଆଶ୍ରୟ ନଗରକୁ ପଳାୟନ କରୁଥିଲା, ତାକୁ ସେହି ନଗର ମଧ୍ୟରେ ରହିବାକୁ ପଡୁଥିଲା । ଯଦି ସେ ଜାଣିଶୁଣି ଏହାର ସୀମା ବାହାରେ ପାଦ ରଖୁଥିଲା, ତେବେ ସେ ନିଜକୁ ବିପଦଗ୍ରସ୍ତ କରୁଥିଲା ।

ସେହିପରି, ବିଶ୍ୱାସୀ ଭାବରେ, ଆମକୁ ଖ୍ରୀଷ୍ଟଙ୍କଠାରେ ବାସ କରିବାକୁ ହେବ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଥିଲେ,

''ମୋ'ଠାରେ ରହୁ, ତହିଁରେ ମୁଁ ତୁମ୍ଭମାନଙ୍କ ଠାରେ ରହିବି'' (ଯୋହନ ୧୫:୪) ।

ଯେତେବେଳେ ଆମେ ବିପଦରେ ଥାଉ, ସେତେବେଳେ କେବଳ ଈଶ୍ୱରଙ୍କ ନିକଟକୁ ପଳାୟନ କରେ ଓ ଏହାପରେ ପରସ୍ପର ଚାଲିଯିବା ପାଇଁ,

(ପରବର୍ତ୍ତୀ ୯ମ ପୃଷ୍ଠାରେ)

ନିହିମିଆ ବାଇବଲ ଆଡାସିକ ମହାବିଦ୍ୟାଳୟ
ଥିଓଲୋଜିରେ ଡିପ୍ଲୋମା & Bachelor of Theology
ଆବଶ୍ୟକ ପାଇଁ ଶୀଘ୍ର ଆସନ୍ତୁ ।
ଯୋଗାଯୋଗ
Chepauk & Santhoshapuram, Velachery Chennai.
ମାଧ୍ୟମ - ତାମିଲ୍ (Part Time)
ମାଧ୍ୟମ - ତେଲୁଗୁ (Part Time)
ଯୋଗ୍ୟତା : ୧୦ମ ଓ ଉତ୍ତୀର୍ଣ୍ଣ
ବିଗତ ୫୨ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଥାଡୁକାରେନ୍) ।
୩. **ବାଇବଲ କୋର** - ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସନ୍ତୋଷପୁରମ ଓ ଭେଲାଙ୍କେଣୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଙ୍କେଣୀ ।
୭. ମହାଧିବେଶନ ଆୟୋଜନ (ପାଳକମାନେ) ।
୮. ତାଲିମ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ - ପ୍ରକାଶନ ।
୧୨. ଜେଭପେଲସ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ସଣ୍ଡେସ୍କୁଲ (ଚେପକ) - ରବିବାର ସକାଳ ଘ. ୧୦.୩୦ ଓ (ଭେଲାଙ୍କେଣୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା - ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା - ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା - ରବିବାର ସକାଳ ଘ. ୮.୩୦ ।
୧୭. ସଣ୍ଡେସ୍କୁଲ - ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୧୮. ଯୁବ ସଭା - ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୧୯. ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରାଚୀନମାନଙ୍କର ସଭା - ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୨୦. ସହଭାଗିତା ମଧ୍ୟାହ୍ନ ଭୋଜନ - ରବିବାର ଅପରାହ୍ନ ଘ. ୧.୦୦ ।
୨୧. ତେଲୁଗୁ ଉପାସନା - ରବିବାର ଅପରାହ୍ନ ଘ. ୪.୦୦ ।
୨୨. ହିନ୍ଦୀ ଉପାସନା - ରବିବାର ସନ୍ଧ୍ୟା ଘ. ୫.୦୦ ।
୨୩. ତାମିଲ ଓ ଇଂରାଜୀ ଉପାସନା - ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୪. ଉଦ୍ଧାର ପ୍ରଦାନର ସମୟ - ରବିବାର ସନ୍ଧ୍ୟା ଘ.୮.୦୦ ମିନିଟ୍ ।
୨୫. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୬. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୬.୦୦ ।
୨୭. ଶିଷ୍ୟତ୍ୱ ସଭା - ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୮. ଗୃହ ସଭା - ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୯. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୩୦. ସେବକମାନଙ୍କର ସଭା - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ଘଟିକା ।
୩୧. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୨. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ରୁ) ।
୩୩. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୪. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୩୫. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା - ପ୍ରତିଦିନ ରାତ୍ରୁ ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୬. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୩୭. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରୁ ୯.୦୦ (ରବିବାର ବ୍ୟତୀତ) ।

ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ- ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

୨. ଥିଓଲୋଜିକାଲ୍ କରେସ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ସ୍ନାତକୋତ୍ତର ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୬ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

For more details, write to us.

The Chairman, Nehemiah Bible College,
Echo of His Call, **Post Box 2957**
CHEPAUK, CHENNAI - 600 005.

Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

Account Name	:	**ECHO OF HIS CALL EDUCATIONAL TRUST**
Account Number	:	**1023 2923 805**
Bank Name	:	**STATE BANK OF INDIA**
Branch	:	**TRIPLICANE, CHENNAI - 600 005**
IFSC Code	:	**SBIN 0000249**
SWIFT Code	:	**SBI NIN BB 455**

ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ ''ଆହ୍ୱାନର ପ୍ରତିଧ୍ୱନି'' ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।



ଗର୍ତ୍ତରୁ ରାଜପ୍ରାସାଦ

(PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)

"... ମୁଁ ଦରିଦ୍ର ଓ ଦୀନହୀନ, ତଥାପି ପ୍ରଭୁ ମୋ' ବିଷୟ ଚିନ୍ତା କରନ୍ତି" (ଗୀତ ୪୦:୧୭) ।

୫୦ ବର୍ଷ ପୂର୍ବେ, ଚେନ୍ନାଇଠାରେ ଗୋଟିଏ ବଡ଼ ଉଦ୍‌ଯାପନା ସଭାର ଆୟୋଜନ କରାଯାଇଥିଲା । କେତେ ଜଣ ପ୍ରସିଦ୍ଧ ପ୍ରଚାରକ ଦକ୍ଷିଣ ଆଫ୍ରିକାରୁ ଆସିଥିଲେ । ଈଶ୍ୱର ସେମାନଙ୍କ ମାଧ୍ୟମରେ ମହାନ୍ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ବହୁ ସଂଖ୍ୟକ ଲୋକ ସେହି ଆଶ୍ଚର୍ଯ୍ୟ କର୍ମ ଦେଖିଥିଲେ ଓ ସେମାନଙ୍କ ଜୀବନରେ ପ୍ରଥମ ଥର ପାଇଁ ଯୀଶୁଙ୍କ ସୁସମାଚାର ଶୁଣିଥିଲେ । ମୁଁ ସେମାନଙ୍କୁ ଏକ ସ୍ୱେଚ୍ଛାସେବୀ ଭାବରେ ସାହାଯ୍ୟ କରୁଥିଲି ।

ଅନ୍ତିମ ଦିନର ସଭା ଶେଷ ହେବା ପରେ, ଅଳ୍ପ କେତେ ଜଣ ଅତିଥି ଓ ସଭାକୁ ସଫଳଭାବେ ପରିଚାଳିତ ହେବାରେ ସାହାଯ୍ୟ କରିଥିବା କେତେକ କାର୍ଯ୍ୟକାରୀ ଏକତ୍ରିତ ହୋଇଥିଲେ । ହଠାତ୍, ଦକ୍ଷିଣ ଆଫ୍ରିକାରୁ ଆସିଥିବା ପ୍ରଧ୍ୟ ଅତିଥି ମୋତେ ଡାକିଲେ ଓ ମୋ' ବିଷୟରେ ପଚାରିଲେ । ସେ ବ୍ୟାନର ଲଗାଇବା, ନୂତନ ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇବା ଓ ଉଦ୍‌ଯାପନା ସଭା ସମୟରେ ଅଂଶଗ୍ରହଣକାରୀମାନଙ୍କୁ ସାହାଯ୍ୟ କରିବା ଭଳି ମୋର ଆନ୍ତରିକ ଓ କଷ୍ଟକର କାର୍ଯ୍ୟ ପାଇଁ ମୋର ପ୍ରଶଂସା କରିଥିଲେ ।

ମୁଁ କେଉଁଠାରୁ ଆସିଛି ବୋଲି ସେ ମୋତେ ପଚାରିଲେ ଓ ପରବର୍ତ୍ତୀ ଦିନ ରାତ୍ରଭୋଜି ତାଙ୍କର ପ୍ରସ୍ଥାନ ସମୟରେ, ସକାଳ ୪ଟାରେ ତାଙ୍କୁ ବିମାନ ବନ୍ଦରରେ ଦେଖା କରିବା ପାଇଁ ମୋତେ ଅନୁରୋଧ କଲେ । ଏତେ ସକାଳୁ ବିମାନ ବନ୍ଦରରେ ପହଞ୍ଚିବା ମୋ' ପକ୍ଷେ କଷ୍ଟକର ହେବ ବୋଲି ମୁଁ ତାଙ୍କୁ କହିଲି । କାରଣ ମୋ' ନିକଟରେ ଗୋଟିଏ ଅତି ପୁରୁଣା ସାଇକଲ ଥିଲା ଓ ତାହା ମଧ୍ୟ ଭଲ ଅବସ୍ଥାରେ ନ ଥିଲା । ପୁଣି, ମୋ' ଘରୁ ବିମାନ ବନ୍ଦର ପ୍ରାୟ ୨୫ କି:ମି ଦୂରରେ ଥିଲା ।

ସଙ୍ଗେ ସଙ୍ଗେ, ସେ ଚତୁର୍ଦ୍ଦିଗ ପ୍ରତି ଦୃଷ୍ଟିପାତ କଲେ ଓ ଏହି ସହରର କଣେ ବଡ଼ ପ୍ରଚାରକଙ୍କୁ ଦେଖି, ତାଙ୍କୁ ନାମ ଧରି ଡାକିଲେ ଓ କହିଲେ, "ଏ ହେଉଛନ୍ତି ଭାଇ ସାମ୍ ସେଲ୍‌ଭାରାଜ୍ । ସେ ସ୍ୱେଚ୍ଛାରେ ଅତି ଉତ୍ତମ କାର୍ଯ୍ୟ କରୁଥିବାର ମୁଁ ଦେଖୁଛି । ତାଙ୍କଠାରେ କିଛି ବିଶେଷ ବିଷୟ ଅଛି । ମୁଁ ଭାରତ ଛାଡ଼ିବା ପୂର୍ବରୁ ବିମାନ ବନ୍ଦରରେ ତାଙ୍କ ସହିତ କିଛି ସମୟ ବିତାଇବା ପାଇଁ ଇଚ୍ଛା କରୁଛି । ସେ ଅତି ଗରୀବ ଓ ବିମାନ ବନ୍ଦରକୁ ଆସିବା ପାଇଁ ତାଙ୍କ ନିକଟରେ କିଛି ସୁବିଧା ନାହିଁ । ଯଦି ଆପଣ ନିଜ ଗାଡ଼ିରେ ତାଙ୍କୁ ଆଣିପାରିବେ, ତେବେ ମୁଁ ଖୁସି ହେବି, କାରଣ ଆପଣ ମୋତେ ବିଦାୟ ଜଣାଇବାକୁ ବିମାନ ବନ୍ଦରକୁ ଆସୁଛନ୍ତି ।" ମାତ୍ର ସେହି ପ୍ରଚାର ମୋ' ଉପରେ ରାଗିଗଲେ ଓ ପ୍ରଧ୍ୟ ଅତିଥିଙ୍କୁ କହିଲେ, "ଏହି ବ୍ୟକ୍ତିକୁ ନେବା ପାଇଁ ମୋ' ଗାଡ଼ିରେ ଜାଗା ହେବ ନାହିଁ । ସେ ବରଂ, ବିମାନ ବନ୍ଦରକୁ ନ ଆସନ୍ତୁ ।" ପ୍ରଧ୍ୟ ଅତିଥି ପଚାରିଲେ, "ଆପଣଙ୍କ ସହିତ ଆଉ କେତେ ଜଣ ଲୋକ ବିମାନ ବନ୍ଦରକୁ ଆସୁଛନ୍ତି କି ?" ସେ ଉତ୍ତର ଦେଲେ, "ମୋ' ସହିତ କେହି ଆସୁ ନାହାନ୍ତି । ମାତ୍ର ମୁଁ ଏହି ବ୍ୟକ୍ତିକୁ ସାହାଯ୍ୟ କରିପାରିବି ନାହିଁ ।"

ଈଶ୍ୱରଙ୍କର ସେହି ଦାସ, ଯିଏ ପ୍ରଧ୍ୟ ଅତିଥି ଥିଲେ, ସେ ଏହି କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । ... ସେ ମୋତେ ପାଖକୁ ଡାକିଲେ ଓ ମୋ' ପୃଷ୍ଠ ଉପରେ ହାତ ରଖି ଅଶ୍ରୁର ସହିତ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ । ମୋତେ ଭୌତିକ ଧନ ସଂପତ୍ତି ଦେବା ପାଇଁ ମଧ୍ୟ ଈଶ୍ୱରଙ୍କୁ ନିବେଦନ କରିଥିଲେ । ସେ ମୋତେ ଏହା ମଧ୍ୟ କହିଥିଲେ, "ମୋର ଭାଇ ସାମ୍, ଆପଣ ସେହି ମହାନ୍ ଈଶ୍ୱରଙ୍କର ଜଣେ ଅତି ନମ୍ର ସେବକ ଅଟନ୍ତି ଯାହାଙ୍କର ଆଜି ଆପଣ ସେବା କରୁଛନ୍ତି । ମୁଁ ଆପଣଙ୍କ ଉପରେ ଓ ଆପଣଙ୍କ ସେବାକାର୍ଯ୍ୟ ଉପରେ ସମୃଦ୍ଧି ପାଇଁ ଆଶା ଦେଉଛି । ଯେଉଁ ଈଶ୍ୱରଙ୍କର ମୁଁ ସେବା କରୁଛି, ସେ ବର୍ତ୍ତମାନ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ କରି ଆପଣଙ୍କୁ ଭାରତରେ ସେବାକାର୍ଯ୍ୟ କରିବା ନିମନ୍ତେ ଅନେକ ଗାଡ଼ି ଓ ଅନ୍ୟ ସମସ୍ତ ଯନ୍ତ୍ରପାତି ଓ ଉପକରଣ ପ୍ରଦାନ କରିବେ । ଯେଉଁ ଭାଇ କାଲି ସକାଳେ ବିମାନ ବନ୍ଦରକୁ ଆସିବା ସମୟରେ ଆପଣଙ୍କୁ ସାଙ୍ଗରେ ଆଣିବା ପାଇଁ ଇଚ୍ଛା କରେ ନାହିଁ, ତାଙ୍କୁ ଆପଣ ଘୃଣା କରିବା ଉଚିତ୍ ନୁହେଁ ।

ଏହି ଅନୁଭୂତି ମୋତେ ଯନ୍ତ୍ରଣା ଦେଇ ନ ଥିଲା । ମାତ୍ର ଈଶ୍ୱର ମୋତେ ତାଙ୍କ ଦାସଙ୍କ ମାଧ୍ୟମରେ ନିଜର ସୁନ୍ଦର ବାକ୍ୟ ଜଣାଇ ଥିବାରୁ, ମୁଁ ତାଙ୍କୁ ଧନ୍ୟବାଦ ଦେଇଥିଲି । ଦିନ ପରେ ଦିନ ବିତିଗଲା । ମାତ୍ର ଈଶ୍ୱର ନିଜ ମନ ମଧ୍ୟରେ ମୋତେ ରଖିବାରେ ବିଶ୍ୱସ୍ତ ଥିଲେ । ପରେ, ସେ ମୋତେ ମୋର ସେବାକାର୍ଯ୍ୟ ପାଇଁ ଅନେକ ଯାନବାହନ ଓ ସମସ୍ତ ଆବଶ୍ୟକୀୟ ଉପକରଣ ପ୍ରଦାନ କରିଥିଲେ । ସମୟକ୍ରମେ, ସେ ମୋତେ ଓ ମୋର ସହକର୍ମୀମାନଙ୍କୁ ଆମର ନିଜର ଗାଡ଼ି ବ୍ୟବହାର କରି ଅନେକ ଥର ସେହି ବିମାନ ବନ୍ଦରକୁ ଯିବା ପାଇଁ ସାମର୍ଥ୍ୟ ଦେଇଛନ୍ତି । ଆମର ଈଶ୍ୱର କେତେ ଚମତ୍କାର ଅଟନ୍ତି । ସେହି ଈଶ୍ୱର ଆଜି ମଧ୍ୟ ଜୀବିତ ଅଟନ୍ତି । ସେ କାଲି, ଆଜି ଓ ଚିରଦିନ ସମାନ ଅଟନ୍ତି ।

ମୋର ପ୍ରିୟ ପାଠକ, ଅନ୍ୟମାନେ ଆପଣଙ୍କ ଠାରେ ଥିବା ଅଭିପ୍ରେକକୁ ଚିହ୍ନି ନ ପାରିଲେ, ଆପଣ ଅସହଜ ଅନୁଭବ କରନ୍ତି କି ? ଆପଣ ନିଜର ବର୍ତ୍ତମାନର କମ୍ ସଂପତ୍ତି ଦେଖି ନିରୁତ୍ସାହିତ ହୋଇଛନ୍ତି କି ? ଲୋକମାନେ ଆପଣଙ୍କୁ ଅଗଣ୍ୟ ମନେ କରୁଛନ୍ତି କି ?

ଈଶ୍ୱର କହନ୍ତି, "ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ ... ମୁଁ ତୁମ୍ଭମାନଙ୍କୁ ଅନାଥ କରି ଛାଡ଼ି ଯିବି ନାହିଁ । ମୁଁ ତୁମ୍ଭମାନଙ୍କ ନିକଟକୁ ଆସୁଅଛି" (ଯୋହନ ୧୪:୧,୧୮) । ତାଙ୍କ ଇଚ୍ଛାକୁ କେନ୍ଦ୍ରରେ ରଖି ଜୀବନ କାଟନ୍ତି ।

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

****

ପୁଣିଥରେ ଆମର ପୁରାତନ ମାର୍ଗକୁ ଫେରି ଆସିଲେ, ଆମକୁ ପୁରସ୍କାର ମିଳେ ନାହିଁ । ଈଶ୍ୱରଙ୍କ ସହିତ ସଂପର୍କ ରକ୍ଷାକରିବା ଓ ସମାଜ ଭାବରେ ଗୋଟିଏ ମଣ୍ଡଳୀ ଓ ଜଣେ ପାଳକଙ୍କ ସହିତ ସଂପର୍କ ରକ୍ଷାକରିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆମକୁ ତାଙ୍କଠାରେ ରହିବା ପାଇଁ ଆହ୍ୱାନ କରାଯାଇଛି ।

ଈଶ୍ୱର ଆମକୁ ତାଙ୍କର ମଣ୍ଡଳୀ ଅର୍ଥାତ୍, ଏକ ଆତ୍ମିକ ପରିବାର ମଧ୍ୟ ଦାନ କରିଅଛନ୍ତି, ଯେଉଁଠାରେ ଆମେ ଶକ୍ତିପ୍ରାପ୍ତ, ଉତ୍ସାହିତ ଓ ସଂଶୋଧିତ ହୋଇପାରୁ । ସେଠାରେ ଆମ ପାଇଁ ପ୍ରାର୍ଥନା କରାଯାଏ ଓ ଆମେ ପରାମର୍ଶ ପାଇ ପାରୁ ।

ଆଜିର ଜଗତରେ, ମଣ୍ଡଳୀରେ ଯୋଗଦାନ ଓ ଆତ୍ମିକ ଉତ୍ତର ଦାୟିତ୍ୱକୁ ବେଖେଇବେଖେଇ ପୁରୁଣା କାଳିଆ ବିଦ୍ୟା ଅନାବଶ୍ୟକ ବୋଲି ବିଚାର କରାଯାଉଛି ।

ମାତ୍ର ଈଶ୍ୱରଙ୍କର ଯୋଜନା ଭିନ୍ନ ଅଟେ ।

ଆମେ ଏକ ଆରେକକୁ ଆବଶ୍ୟକ କରୁ ।

ଗୋଟିଏ ବାଇବଲ-ବିଶ୍ୱାସକାରୀ ମଣ୍ଡଳୀରେ ରୋପିତ ହେବା ଓ ପାଳକୀୟ ଯତ୍ନ ଅଧୀନରେ ରହିବା ଓ ଆଧାତ୍ମିକ ଜନ୍ମ ପାଇବା ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ ଏପରି ଲୋକମାନଙ୍କୁ ଆବଶ୍ୟକ କରୁ ଯେଉଁମାନେ ଆମ ସହିତ ନିଶି ପ୍ରାର୍ଥନା କରିବେ, ଆମକୁ ଉତ୍ସାହିତ କରିବେ, ଆମ ନିକଟରେ ଈଶ୍ୱରଙ୍କ ସତ୍ୟ କଥାଇବେ ଓ ଆବଶ୍ୟକ ସମୟରେ ଆମ ସହିତ ଓ ଆମ ପରିବାର ସହିତ ଠିଆ ହେବେ ।

ଆମକୁ ଏହି ଯାତ୍ରାରେ ଏକାକୀ ଚାଲିବା ପାଇଁ ଆଦୌ ଯୋଜନା କରାଯାଇ ନ ଥିଲା ।

ଆଶ୍ରୟ ସ୍ଥାନ ପାଇବାର ଅର୍ଥ କ'ଣ ?

ଆସନ୍ତୁ, ଆମେ ନିଜ ନିଜକୁ ସେହି ବିଷୟଗୁଡ଼ିକ ସମ୍ବନ୍ଧରେ ସ୍ମରଣ କରାଇ ଦେବା ଯେଉଁଗୁଡ଼ିକୁ ଆମେ ଆଶ୍ରୟ ନଗର ଗୁଡ଼ିକରୁ ଶିକ୍ଷା କରିପାରୁ ।

୧. ଜଣେ ବ୍ୟକ୍ତି ଅଜ୍ଞାତରେ ଗୋଟିଏ ମୃତ୍ୟୁର କାରଣ ହେଲେ, ସେ ଏକ ନିରାପଦ ସ୍ଥାନକୁ ପଳାୟନ କରିପାରୁ ଥିଲା ।

୨. ସେହି ଘଟଣା ଉପରେ ଯଥାର୍ଥ ବିଚାର ହାଲିଥିବା ସମୟରେ, ନଗରଟି ପୁରସ୍କାର ଯୋଗାଇ ପାରୁଥିଲା ।

୩. ରକ୍ତର ପ୍ରତିଶୋଧକାରୀ ନଗର ମଧ୍ୟରେ ପ୍ରବେଶ କରି ସେହି ବ୍ୟକ୍ତିର ଜୀବନ ନେଇପାରୁ ନ ଥିଲା ।

୪. ପୁରସ୍କାରର ସୀମା ରହୁଥିଲା । ସେହି ବ୍ୟକ୍ତିକୁ ନଗର ମଧ୍ୟରେ ହିଁ ରହିବାକୁ ପଡୁଥିଲା ।

୫. ମହାଯାଜକଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେହି ପୁରସ୍କାର ସ୍ଥାୟୀ ହୋଇ ରହୁଥିଲା ।

୬. ସେହି ବ୍ୟକ୍ତିର ପ୍ରାର୍ଥନା କ'ଣ ହୋଇଥିବ ବୋଲି ଆପଣ ଭାବୁଛନ୍ତି ? ହୁଏତ ମହାଯାଜକଙ୍କର ଦୀର୍ଘ ଜୀବନ ନିମନ୍ତେ ଏକ ପ୍ରାର୍ଥନା ? ସେ ନିଶ୍ଚୟ ଏପରି ଏକ ଦିନ ପାଇଁ ଉତ୍ସୁକ ଥିବ ଯେଉଁ ବେଳେ ସେ ତା'ର ନିଜର ଅଧିକାର ନିକଟକୁ ଫେରି ଯାଇପାରିବ ।

ପୁଣି ଏଠାରେ ହିଁ ବିଶ୍ୱାସୀ ଭାବରେ ଆମ ନିମନ୍ତେ ତିନୋଟି ସୁନ୍ଦର ହୋଇଯାଉଛି ।

ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ ଆମେ ଆଉ ଏଟି ଭୌଗଳିକ ଅଞ୍ଚଳ ମଧ୍ୟରେ ସୀମିତ ନୋହୁଁ ।

ଆମ ନିକଟରେ ଅସୀମ ଭାବରେ କିଛି ଶ୍ରେଷ୍ଠତର ବିଷୟ ଅଛି ।

ଆମ ନିକଟରେ ଆମର ଆଶ୍ରୟ ଭାବରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଛନ୍ତି ?

ବାଇବଲରେ କେଉଁଥିଲେଖ :

''...ସମ୍ମୁଖସ୍ଥ ଭରସାକୁ ଧରିବା ନିମନ୍ତେ ଆଶ୍ରୟ ସ୍ଥଳକୁ ପଳାୟନ କରିଅଛୁ ଯେ ଆମ୍ଭେମାନେ, ଆମ୍ଭେମାନେ ବୃଢ଼ ଉତ୍ସାହ ପ୍ରାପ୍ତ ହେଉ'' (ଏବ୍ରୀ ୬:୧୮) ।

ଆମ୍ଭେମାନଙ୍କ ସେହି ଆଶ୍ରୟ ସ୍ଥଳକୁ ପଳାୟନ କରିଅଛୁ ଯାହା ଏକ ନଗର ହୁଏଁ, ମାତ୍ର ନିଜେ ଯୀଶୁ ଖ୍ରୀଷ୍ଟ ଅଟନ୍ତି ।

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ

- ତାଙ୍କ ନିକଟକୁ ବିଶ୍ୱାସରେ ଆସୁଥିବା ଲୋକମାନଙ୍କ ନିମନ୍ତେ ସେ ଏକ ଆଶ୍ରୟ ସ୍ଥଳ ଅଟନ୍ତି ।
- ତାଙ୍କର ପ୍ରେମ ଓ ଆମନ୍ତ୍ରଣ ସମସ୍ତ ଲୋକଙ୍କ ପ୍ରତି ସଂପ୍ରସାରିତ ଅଟେ ।
- ଆମର ଶ୍ରେଷ୍ଠ ମହାଯାଜକ ଚିରଦିନ ପାଇଁ ଜୀବିତ ଥିବାରୁ, ତାଙ୍କର ପୁରସ୍କାର ସ୍ଥଳସ୍ଥାୟୀ ହୁଏଁ ।
- ସେ ଆମର ଦୁର୍ଗ ଓ ବୃଢ଼ ଗଡ଼ ଅଟନ୍ତି । ଶତ୍ରୁ ଆମକୁ ସ୍ପର୍ଶ କରିପାରିବ ନାହିଁ ।
- ସେ ଆମର କୋଣ ପ୍ରସ୍ତର ଓ ଆମର ଅଟଳ ଭିତ୍ତିମୂଳ ଅଟନ୍ତି - ପଦାପ୍ରଭୁ କହିଛନ୍ତି, ''ଯେ ବ୍ୟକ୍ତି ସ୍ପର୍ଶ କରେ, ସେ ଆମ୍ଭର ଚକ୍ଷୁର ପିତ୍ତଳାକୁ ସ୍ପର୍ଶ କରେ ।''
- ଆମେ ତାଙ୍କ ଉପରେ ଭରସା ରଖିବା ସମୟରେ, ସେ ଆମକୁ ରକ୍ଷା କରିବା ପାଇଁ ସମର୍ଥ ହୁଅନ୍ତି ।
- ଆମେ ସ୍ୱତନ୍ତ୍ରାରେ ପାପ କରୁ କିମ୍ବା ଅନିଚ୍ଛାରେ ପାପ କରୁ, ଈଶ୍ୱର ଆମର ଆଶ୍ରୟ ଅଟନ୍ତି କାରଣ ସେ ଆମ ନିମନ୍ତେ ମୃତ୍ୟୁବରଣ କରିଥିଲେ ଓ ତାଙ୍କର ରକ୍ତ ସମସ୍ତ ପାପରୁ ଆମକୁ ଶୁଚି କରେ ଓ ତାଙ୍କର ଅନୁଗ୍ରହ ଆମ ନିମନ୍ତେ ଯଥେଷ୍ଟ ଅଟେ ।

ଆମର ପରିବେଶ କଷ୍ଟକର କି ହୁଏଁ - ଏହା ଆମର ପ୍ରଶ୍ନ ହୁଏଁ ।

ଆମେ କେବଳ ତାଙ୍କ ନିକଟକୁ ପଳାୟନ କରିବା ଆବଶ୍ୟକ, କାରଣ ତାଙ୍କଠାରେ ଆମେ ଆଶ୍ରୟ, ଶକ୍ତି ଓ ପୁରସ୍କାର ପାଉ ।

ତାଙ୍କ ଉପସ୍ଥିତି ମଧ୍ୟକୁ ଆସନ୍ତୁ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମକୁ ଏହି ସୁନ୍ଦର ନିମନ୍ତ୍ରଣ ଜଣାଇଛନ୍ତି :

''ଯେ ମୋ' ନିକଟକୁ ଆସେ, ତାହାକୁ ମୁଁ କୌଣସି ପ୍ରକାରେ ବାହାର କରି ଦେବି ନାହିଁ'' (ଯୋହନ ୬:୩୭) ।

କେଡ଼େ ସୁନ୍ଦର ଆମନ୍ତ୍ରଣ !

ଆପଣ ଆଜି ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ଯେ କୌଣସି ପ୍ରଶ୍ନର ପ୍ରଶ୍ନ କରୁଛନ୍ତି, ଯେ କୌଣସି ଭୟ ଦ୍ୱାରା ପରିବେଷ୍ଟିତ ହୋଇଛନ୍ତି, ଆପଣଙ୍କ ସମ୍ମୁଖରେ ଯେ କୌଣସି ଅନିଶ୍ଚିତତା ରହିଛି, ସେଗୁଡ଼ିକ ପୂରଣ ନ କରି, ଏହି ବିଷୟକୁ ପୂରଣ କରନ୍ତୁ :

ଆମ ନିକଟରେ ଏକ ଆଶ୍ରୟ ସ୍ଥଳ ଅଛି ।

ଏହା କୌଣସି ଷଣ୍ଢସାୟୀ ଆଶ୍ରୟ ହୁଏଁ ।
ଏହା ଧନ ଉପରେ ନିର୍ମିତ ଆଶ୍ରୟ ହୁଏଁ ।
ଏହା ଖ୍ୟାତି ଉପରେ ନିର୍ମିତ ଆଶ୍ରୟ ହୁଏଁ ।
ଏହା ଶିକ୍ଷା ଉପରେ ନିର୍ମିତ ଆଶ୍ରୟ ହୁଏଁ ।
ଏହା ଶକ୍ତତା ଉପରେ ନିର୍ମିତ ଆଶ୍ରୟ ହୁଏଁ ।
ଏହା ପ୍ରତିଭା ଉପରେ ନିର୍ମିତ ଆଶ୍ରୟ ହୁଏଁ ।
ଏହା ମାନବ ଶକ୍ତି ଉପରେ ନିର୍ମିତ ଆଶ୍ରୟ ହୁଏଁ ।

ପୁଣି, ନିଶ୍ଚୟ ମିଥ୍ୟା ଉପରେ ନିର୍ମିତ ଆଶ୍ରୟ ହୁଏଁ ।

ଆମ ନିକଟରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଛନ୍ତି ।

ସେ ଆମର ଆଶ୍ରୟ ।
ସେ ଆମର ଦୁର୍ଗ ।
ସେ ଆମର ବୃଢ଼ଗଡ଼ ।
ସେ ଆମର କୋଣ-ପ୍ରସ୍ତର ।
ସେ ଆମର ଅଟଳ ଭିତ୍ତିମୂଳ ।

ପୁଣି, ଆମର ଶ୍ରେଷ୍ଠ ମହାଯାଜକ ଚିରଦିନ ଜୀବିତ ରହିଥିବାରୁ, ଆମର ଆଶ୍ରୟସ୍ଥଳ ବରିଷ୍ଠନ ଅଟେ ।

ସେଥିପାଇଁ, ପ୍ରିୟ ଭାଇ ଓ ଭଉଣୀମାନଙ୍କ, ଆସନ୍ତୁ, ତାଙ୍କ ନିକଟକୁ ପଳାୟନ କରିବା । ପ୍ରଭୁ ଯୀଶୁକୁ ଆଶ୍ରୟ ସ୍ଥଳ ଭାବରେ ଗ୍ରହଣ କରନ୍ତୁ । ତାଙ୍କୁ ସଂପୂର୍ଣ୍ଣଭାବେ ବିଶ୍ୱାସ କରନ୍ତୁ, ତାଙ୍କଠାରେ ଲାଗି ରହନ୍ତୁ ଓ ବାସ କରନ୍ତୁ ।

ମନେରଖନ୍ତୁ :

ଯେ ଆମର ଆଶ୍ରୟ ଅଟନ୍ତି ।

****

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

OUR BANK DETAILS:

1. Bank : State Bank of India

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

2. Bank : ICICI Bank

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

3. Bank : State Bank of India

(This Account is for Tax Exemption for Indians only)

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

OUR QR CODE:

ECHO OF HIS CALL

Scan to pay with any UPI app

Google Pay: 98410 71858
PayPal : SAM SELVA RAJ

*****

E.mail : sam@echoofhiscall.org

ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ବେୟ – ଟ. ୧୦୦/– ଆଜୀବନ ସଭ୍ୟତାଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁପୁରୁଣା ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ପରିଜନମାନଙ୍କର ପ୍ରେରଣାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାକର। ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

YOU CAN SEND YOUR DONATION ONLINE ALSO

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS Patrika Channel"
on 18th NOVEMBER 2026.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

JESUS LOVES YOU!

To

GOD BLESS YOU!

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**